ପ୍ରେସ୍‌ନୋଟ୍

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନ ସଂଗ୍ରହ ।

## ମିଶନଶକ୍ତି କେଫଂର ଉଦଘାଟନ ।

ଅନୁଗୋଳ,ତା.୦୭.୦୧:- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ଧାନ ସଂଗ୍ରହ ନିମନ୍ତେ ମହିଳାମାନଂକୁ ଦାୟିତ୍ୱ ଦେଇଛନ୍ତି । ମୁଷାପାପୁଲି ଗ୍ରାମର ମା ଶାରଳା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ,ରନ୍ତଲେଇ ଗ୍ରାମ ପଞ୍ଚାୟତ ପାଇଁ ଧାନ ସଂଗ୍ରହ କରିବାର ଦାୟିତ୍ୱ ନେଇଛି । ଆଜି ଗୋଟିଏ ଦିନରେ ୫୭୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇ କିସମା ମିଲ୍‌କୁ ବିକ୍ରି କରାଯାଇଛି । ପ୍ରକାଶଥାଉକି, ପୂର୍ବରୁ ଚାଷୀମାନେ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ମାଧ୍ୟମରେ ଧାନ ବିକ୍ରୟ ନିମନ୍ତେ ପଞ୍ଜିକରଣ କରିଥିଲେ । ଆଜି ଛେଣ୍ଡିପଦା ବ୍ଲକ୍ ପରିସରରେ ମିଶନ ଶକ୍ତି ମହାସଂଘ ଦ୍ୱାରା ଏକ Cafe ଉଦଘାଟନ ହୋଇଛି । ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା ଏହି କେଫଂକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ସୁଲଭ ମୁଲ୍ୟରେ ଉତ୍ତମ ମାନର ସ୍ୱାସ୍ଥ୍ୟକର ଖାଦ୍ୟ ଏଠାରେ ଯୋଗାଇ ଦିଆଯିବ । ଏହା ଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ବିଧାୟକ ପ୍ରକାଶ କରିଥିଲେ । ଆଜି ଏହା ଉଦଘାଟନ ହେବା ପରେ ପ୍ରାୟ ୨୦୦ରୁ ଉର୍ଦ୍ଧ ମିଲ୍ (ଖାଦ୍ୟ) ବିକ୍ରି ହୋଇଛି । ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଅଶୋକ କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଜୟ କୁମାର ଆଚାର୍ଯ୍ୟ, ମିଶନ ଶକ୍ତିର ଡିପିସି ଶ୍ରୀ ବସନ୍ତ ମଲ୍ଲିକଙ୍କ ସମେତ ମିଶନ ଶକ୍ତି ଫେଡେରେସନର ସଦସ୍ୟାମାନେ ଉପସ୍ଥିତ ଥିଲେ ।


ମିଶନ ଶକ୍ତି Cafe
A unit of Block Level Federation,Chhendipada,
ମିଶନ ଶକ୍ତି Cafe